# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିପାଟଣା,ଜିଲ୍ଲା - ଖୋର୍ଦ୍ଧା

Nic Mail- tah.balipatna-od@nic.in
E mail.- tdrbalipatna@gmail.com

**Letter No. 2824 Dtd.13.07.2022**

## CORRIGENDUM

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ବାଲିପାଟଣା ତହସିଲଦାର ଙ୍କ କାର୍ଯ୍ୟାଳୟ ରୁ ତା 30.06.2022 ରିଖ ଦୈନିକ ଓଡିଆ ଖବର କାଗଜ ପ୍ରଗତିବାଦୀ ଓ ପ୍ରମେୟ ରେ କୁଶଭଦ୍ରା ନଦୀ ଅଭୟମୁଖି ଓ ଭଅଁରାଗଡ ବାଲିଘାଟ ନିଲାମ ନିମନ୍ତେ ବିଜ୍ଞାପନ ପ୍ରକାଶ କରାଯାଇ, ଏହା ସଂମ୍ବନ୍ଧୀୟ ସଂପୂର୍ଣ୍ଣ ସର୍ତ୍ତାବଳୀ WWW.khordha.nic.in ରେ ଉପଲବ୍ଧ ଥିବା ଉଲ୍ଲେଖ ଥିଲା । କିନ୍ତୁ NIC ରେ ଉପଲବ୍ଧ ବିବରଣୀକୁ ପାଠ କଲା ପରେ ଜଣାଗଲା ଯେ ଏଥିରେ ଘାଟ ଗୁଡିକ O.M.M Case No ଭୁଲ ଦର୍ଶାଯାଇଛି ।

ଏଣୁ ତା. 13.07.2022 ରେ ପଡିଥିବା ନିଲାମ ଦରଖାସ୍ତ ଗୁଡିକ ତା-14.07.2022 ଖୋଲହେବାକୁ ଥିବା କାର୍ଯ୍ୟକୁ ସ୍ଥଗିତ ରଖାଯାଇ ତାହା ତା. 20.07.2022 ଅପରାହ୍ନ ଘ. 5.30 ମି. ବନ୍ଦ ହୋଇ ତା. 21.07.2022 ସକାଳ ଘ.11.00 ଟା ସମୟ ରେ, .2 ୟ ଥର ପାଇଁ ତା.26.07.2022 ଅପରାହ୍ନ 5.30 ଘ. ପ୍ରଦାନ ବନ୍ଦ ହୋଇ ତା.27.07.2022 ଘ.11.00 ଟାରେ ଏବଂ 3ୟ ଥର ପାଇଁ ତା. 02.08.2022 ଅପରାହ୍ନ 5.30 ଘ. ନିଲାମ ଦରଖାସ୍ତ ପକାଇବା ବନ୍ଦ କରାଯାଇ ତା. 03.08.2022 ସକାଳ ଘ.11.00 ଟାରେ ନିଲାମବାକ୍ସ ଖୋଲାଯାଇ ଚୟନ କରାଯିବ ।

## ସୈରାତ ଉତ୍ସର ବିବରଣୀ

| କ୍ରମିକ ନଂ- | ବାଲିଘାଟ ନାମ ଏବଂ କେସନଂ- | ମୌଜା | ଖାତା | ପ୍ଲଟ | ରକବା | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ | ଅତିରିକ୍ତ ଦେୟ | M.G.Q ଅନୁସାରେ ବାର୍ଷିକ ବାଲିର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶିର ପରିମାଣ |
|---|---|---|---|---|---|---|---|---|---|---|
| 1 | କୁଶଭଦ୍ରା ନଦୀ ବାଲିଘାଟ M.M Case No-3/2020-2021 | ଅଭୟମୁଖି | 1649 | 1541<br>4936 | 5.410<br>6.140 | ନଦୀ | 35.00 | 15.00 | 9040 | 22600 |
| 2 | କୁଶଭଦ୍ରା ନଦୀ ବାଲିଘାଟ M.M Case No-4 /2020-2021 | ଭଅଁରାଗଡ | 620 | 326<br>181/1865 | 5.600<br>6.290 | ନଦୀ | 35.00 | 15.00 | 8200 | 20500 |

ତହସିଲଦାର,ବାଲିପାଟଣା

Scanned with CamScanner

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାଲିପାଟଣା ଜିଲ୍ଲା-ଖୋର୍ଦ୍ଧା

ବିଜ୍ଞପ୍ତି ସଂଖ୍ୟା - 2824 ସୈରାତ/ତା- **13.07.2022**

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ-2004 ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ-2016 ଅନୁଯାୟୀ ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବାଲିପାଟଣା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ (Anexure-1 ରେ ପ୍ରଦତ୍ତ) ଗୁଡିକୁ ଆସନ୍ତା ୫ (ପାଞ୍ଚ ବର୍ଷ) ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି ।

ଲିଜରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟ ବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓ OMMC – RULE -2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ Sealed Cover ରେ ଆବେଦନ କରିବେ ।

1-OMMC – Rule -2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତ କାରୀ ଙ୍କ ଦ୍ୱାରା ଦସ୍ତଖତ କରା ଯାଇଥିବା 3 କିତା Form M (3 Copies) ଦାଖଲ କରିବେ ।

2-ଦରଖାସ୍ତ ଫି ବାବଦକୁ ଟ.1000 (ଏକହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ( Head of Account- 0853- Non Ferrous Mining & Meteorological Industries – 102- Mineral Concession Fees Rent of Royalties ) ଦାଖଲ କରିବେ । ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

3-ଉତ୍ସ ର ନାମ, ତଫସିଲ ଏବଂ ସରହଦ ବିବରଣୀ ସଲଗ୍ନ କରିବା ହେବେ ।

4-ଦରଖାସ୍ତ କାରୀ ଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟ ପାଠ ଦାଖଲ କରିବେ ।

5-ଦରଖାସ୍ତ କାରୀ 18 ମାସର ଅବଧି ଥାଇ Bank Guaranty ଦାଖଲ କରିବେ । ଯାହାର ସର୍ବ ନିମ୍ନ ମୂଲ୍ୟ ସୈରାତ ଉତ୍ସ ର ସର୍ବନିମ୍ନ ଧାର୍ଯ୍ୟ ଉତ୍ତଳନ ପରିମାଣ (Minimum Guaranteed Quantity )

Scanned with CamScanner

( Royalty + Offered Additional Charges by Participant ) ହେବା ଆବଶ୍ୟକ । Anexure -1 କ୍ରମାନୁସାରେ ସୈରାତ ଉତ୍ସ ଗୁଡିକୁ ନିଲାମକୁ ନିଆଯିବ । ଦରଖାସ୍ତ କାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ Bank Guaranty ମୂଲ୍ୟ କୁ ଗ୍ରହଣ କରାଯିବ । ଯଦି ଦରଖାସ୍ତ କାରୀ ଏକାଧିକ ସୈରାତ ଉତ୍ସ ନିମନ୍ତେ ଆବେଦନ କରିଥାନ୍ତି Anexure -1 ର କ୍ରମାନୁଯାୟୀ Bank Guaranty ମୂଲ୍ୟକୁ ଗ୍ରହଣ କରାଯିବ ।

6-ଦରଖାସ୍ତ କାରୀ ଆବେଦନ କରୁଥିବା ସୈରାତ ଉତ୍ସ ର EMD (Earnest Money Deposit ) ବ୍ୟାଙ୍କ ଡ୍ରାପ୍ଟ ହିସାବରେ ଯମା କରିବେ, ଯାହାର ପରିମାଣ (Minimum Guaranteed Quantity ) × ( Royalty + Additional Charges Specified in the notice ) ର ଶତକଡା 5 % ରହିବ । ଉକ୍ତ ବ୍ୟାଙ୍କ ଡ୍ରାପ୍ଟ Tahasildar, Balipatna ଙ୍କ ନାମରେ କରିବା ବାଞ୍ଛନୀୟ । ନଚେତ ଦରଖାସ୍ତଟିକୁ ବିଚାର କୁ ନିଆଯିବ ନାହିଁ ।

7-ଦରଖାସ୍ତ କାରୀ ପ୍ରାଧୀକୃତ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଏବଂ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଲଗ୍ନ କରି ପାରନ୍ତି

8-ଦରଖାସ୍ତ କାରୀ ଗତ ବର୍ଷର ଆୟକର ଦାଖଲ ( Income Tax Return Filling ) ବିବରଣୀ ର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

9-ଦରଖାସ୍ତ କାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସ କୁ ପରି ଦର୍ଶନ କରି ଥିବାର ଏକ ସ୍ୱ ଘୋଷିତ ଲିଖିତ ନାମା (Self – Declaration ) ଦାଖଲ କରିବେ ।

10-ଦରଖାସ୍ତ କାରୀ ସୈରାତ ଉତ୍ସର Mining Plan EC Preparation & Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟ ପାଠ ଦାଖଲ କରିବେ ।

11-ଦରଖାସ୍ତ କାରୀ ବନ୍ଦ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନ କାରୀ ଙ୍କ ନାମ, ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତ କୁ ଜଉମୁଦ ଲଫାପାରେ Registered Post / Speed Post ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସ ରେ ତା-14.07.2022 ରିଖ ଠାରୁ ତା- 20.07.2022 ମଧ୍ୟରେ ଅପରାହ୍ନ 5.30 ଘଟିକା ସୁଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ତା- 20.07.2022 ରିଖ ଅପରାହ୍ନ 5.30 ଘଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ତା-21.07.2022 ରିଖ ପୂର୍ବହ୍ନ 11 ଘଟିକା ସମୟରେ ବାଲିପାଟଣା ତହସିଲ କାର୍ଯ୍ୟାଳୟ ଠାରେ

Scanned with CamScanner

ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇ ଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rule – 2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରି ଥିବା ଦରଖାସ୍ତ କାରୀ ଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରି ଦିଆଯିବ ।

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ତା-26.07.2022 ରିଖ ଅପରାହ୍ନ 5.30 ମି ପର୍ଯ୍ୟନ୍ତ ପୂନର୍ବାର Registered Post / Speed Post / Tender Box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା-27.07.2022 ରିଖ ପୂର୍ବାହ୍ନ 11 ଘଟିକା ସମୟରେ ବାଲିପାଟଣା ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇ ଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ।

ସେହିପରି ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ପୁନର୍ବାର ନିଲାମ ନ ହୋଇ ପାରେ ତେବେ ତାହା ତା-02.08.2022 ରିଖ ଅପରାହ୍ନ 5.30 ମି ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / Tender Box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତ- 03.08.2022 ରିଖ ପୂର୍ବାହ୍ନ 11 ଘଟିକା ସମୟରେ ବାଲିପାଟଣା ତହସିଲ କାର୍ଯ୍ୟାଳୟ ବାଲିପାଟଣା ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇ ଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ।

ଠିକଣା

ତହସିଲଦାର, ବାଲିପାଟଣା

ଡା/ପୋ-ବାଲିପାଟଣା, ଜି-ଖୋର୍ଦ୍ଧା

ପିନ-752102

ତହସିଲଦାର, ବାଲିପାଟଣା

Scanned with CamScanner

# ସର୍ତ୍ତାବଳୀ

1-ଆବେଦନ କାରୀ ମାନେ OMMC Rule – 2016 ଏବଂ ଏହାର Amendments Rule ର ପରିସର ଭୁକ୍ତ ରହିବେ ।

2-ଆବେଦନ କାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲି ଉତ୍ସ ଗୁଡିକ ପରିଦର୍ଶନ କରି ସୈରାତ ପରି ଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟ ବେକ୍ଷଣ କରି ଏହି ଲିଜ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ ଦିଆଯାଇ ଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

3-ଲିଜ ଧାରୀ Mining Plan, EC ଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମ ଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate ) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରୁ (Odisha Pollution Control Board ) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

4-ବାଲି ସୈରାତ ଉତ୍ସ ପାଇଁ ଘନ ମିଟର (Per Cubic Meter ) ପ୍ରତି ସର୍ବନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge ) ର ମୂଲ୍ୟ Annexure -1 ମୁତାବକ ଧାର୍ଯ୍ୟ କରାଯାଇଛି ।

5-ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge ) ଏବଂ Royality ର ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଲଗ୍ନ ନ କରିଥିବା ଦରଖାସ୍ତ କାରୀ ଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

6-ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ଏବଂ Additional Charge ମୂଲ୍ୟ ଦର୍ଶାଇ ଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।

7-ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

8-ଚୟନ କରାଯାଇ ଥିବା ନିଲାମ ଧାରୀ ଙ୍କୁ କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ Form-F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରି ଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form-F ପାଇବାର 15 ଦିନ ମଧ୍ୟରେ ଚୟନ ହୋଇ ଥିବା ନିଲାମ ଧାରୀ ନିଲାମ ନେବା ନେଇ ନିଜର ସ୍ୱୀକୃତି ପ୍ରଦାନ କରିବେ । ଏବଂ ବାର୍ଷିକ ଦେୟ (Minimum Guaranteed Quantity ) × Royalty + Offered Additional Charges + District Mineral Foundation ) ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନିତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମୋତି ନ ଦିଅନ୍ତି ଏବଂ ଅମାନତ ରାଶି ପୈଠ ନ କରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ

Scanned with CamScanner

ଏବଂ  ନିଲାମ ଧାରୀ ଙ୍କ Earnest Money କୁ ବାଜ୍ୟାପ୍ତି କରାଯିବ । ନିଲାମ ଧାରୀ ଙ୍କ ସ୍ୱୀକୃତି ପରେ ନିଲାମ ପକ୍ରିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇ ଥିବା ଆବେଦନ କାରୀ ଙ୍କ Earnest Money କୁ ଫେରସ୍ତ କରି ଦିଆଯିବ ।

9-ନିଲାମ ଧାରୀ ସମସ୍ତ (Clearance ) ଦେୟ ଜମା କରିବା ପରେ Form-N  ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜଷ୍ଟ୍ରି (Registration Act 1908 & Stamp Act 1890 & 1899 ଅନୁଯାୟୀ)ସମ୍ପାଦନ କରିବେ ।
10-OMMC Rule -2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ର ରହିବ ।
11-ଲିଜ ଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royality Additional Charge Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟର OMMC Rule -2016  ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର 2 % ଆୟକର ( TCS ) ବାବଦକୁ ଜମା କରିବେ ।
12-ଲିଜ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ ( Display Board )  ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।
13-ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉପରୁ ବାଲି ଉଠାଇ ପାରିବେ ନାହିଁ ।
14-ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ବାଲିପାଟଣା ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବିରଣୀ ଜିଲ୍ଲା ସରକାରୀ ୱେବ ସାଇଟ www.khordha.nic .in ରେ ଦେଖି ପାରିବେ ।
15-ନିଲାମ ଦରଖାସ୍ତ କାରୀ ମାନେ ଓଡିଶା ଲଘୁ ଖଣିଜ ନିୟମ 2016 (OMMC Rule  2016 ) ଏବଂ ତଦ୍ ସଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।
16-ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟିର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉ ଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନର ତ୍ରୟ ମାସିକ ହିସାବ ଏହି  କାର୍ଯ୍ୟାଳୟରେ ଦାଖଲ କରିବେ ।
17-ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାର ଙ୍କ ର ରହିଅଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରି ପାରିବେ ।
18-ଲିଜ ଅବଧି ମଧରେ ଲିଜ ଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଙ୍ଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।
19-ଲିଜ ଧାରୀ Mines Act-1952 ଏବଂ Explosive Act -1984 ର ସମସ୍ତ ନିୟମ ସର୍ତ୍ତା ବଳୀ ର ଅନ୍ତର୍ଭୁକ୍ତ ରହିବେ ।

ତହସିଲଦାର, ବାଲିପାଟଣା

ପତ୍ର ସଂଖ୍ୟା-  2825 (2)            ତା- 13.07.2022  ଏହାର ଏକକିତା ନକଲ ଜିଲ୍ଲାପାଳ ଖୋର୍ଦ୍ଧା/ ଉପ ଜିଲ୍ଲାପାଳ ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ବାଲିପାଟଣା

Scanned with CamScanner

ପତ୍ର ସଂଖ୍ୟା- 2826 ତା- 13.07.2022 ଏହାର ଏକକିତା ନକଲ NIC Khordha ଙ୍କ ଅବଗତି ତଥା ଖୋର୍ଦ୍ଧା ଜିଲ୍ଲା Web site ରେ ତା-27.07.2022 ରିଖ ପର୍ଯ୍ୟନ୍ତ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର,ବାଲିପାଟଣା

ପତ୍ର ସଂଖ୍ୟା- 2827 ତା- 13.07.2022 ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ ବାଲିପାଟଣା ପୋଲିସ ଷ୍ଟେସନ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର,ବାଲିପାଟଣା

ପତ୍ର ସଂଖ୍ୟା- 2828 ତା- 13.08.2022 ଏହାର ଏକକିତା ନକଲ ବି.ଡି.ଓ ବାଲିପାଟଣା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ବାଲିପାଟଣା

ପତ୍ର ସଂଖ୍ୟା- 2829 ତା- 13.07.2022 ଏହାର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ବାଲିପାଟଣା ଙ୍କ ନୋଟିସ ବୋର୍ଡ /ନରିଶୋ ଓ ଦେଉଳିଧରପୁର ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମସ୍ତ ରାଜସ୍ୱ ନିରୀକ୍ଷକ ଙ୍କ ନୋଟିସ ବୋର୍ଡ ଉସ୍ଥ ଗୁଡିକ ଥିବା ସଂପୃକ୍ତ ଗ୍ରାମରେ ଜନସାଧାରଣ ଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର,ବାଲିପାଟଣା

Scanned with CamScanner